# Akashvani, Sambalpur

## SAMBALPURI NEWS EVENING BULLETIN

**20 March 2025- 7.02 pm- 7.12 pm.**

********************************************

୧- ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ୨୯ ହଜାର୍ ଶହେ ୯୯ କୋଟିନୁ ଅଏତ୍‌କା ଟଙ୍କାର୍ ଖର୍ଚ୍ଚ ଦାବି ପ୍ରସ୍ତାବ୍ ଉପ୍‌ରେ ବିଧାନ୍‌ସଭା ନ ଚାଲିଛେ ଆଲୋଚନା ।

୨- ହୀରାକୁଦ୍ ଡେମ୍‌ର ଜଲ୍‌ଧାରଣ୍ କ୍ଷମତା ବଢ଼ାବାର୍ ଲାଗି ଗୁଟେ ବୈଷୟିକ କମିଟି କାମ୍ କରୁଛେ- ବିଧାନ୍‌ସଭା ନ ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

୩- ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ-ୱେଭ୍‌ସ୍ ବାବଦ୍ କର୍ମଶାଳାକେ ଭୁବ୍‌ନେଶ୍ୱର୍ ନ ଉଦ୍‌ଘାଟନ୍ କଲେ କେନ୍ଦ୍ରମନ୍ତ୍ରୀ ।

ଆଉର୍

୪- ଆଏଜ୍ ବଡ଼ା ଉସ୍‌ନାକିଥି ପାଳନ୍ ହେଲା ବିଶ୍ୱ ପଖାଲ୍ ଦିବସ୍ ।

ବିଧାନ୍‌ସଭା-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୯ ନମ୍ବର୍ ଦିନେ ଆଏଜ୍ ବିରୋଧୀ କଂଗ୍ରେସ୍ ସଦସ୍ୟମାନ୍‌କର୍ କିର୍ଲାଗଗା ଲାଗି ବାର୍‌ବାର୍ ଗୃହ ମୁଲ୍‌ତବୀ ହେଇଥିଲା । ନାରୀ ସୁରକ୍ଷା ଆଉ ଆଇନ୍ ଶୃଙ୍ଖଲା ପ୍ରସଙ୍ଗଥି ଗୃହ କମିଟି ଗଠନ୍ ଲାଗି ଆଏଜ୍ ଫେର୍‌ଘାଏ କଂଗ୍ରେସ୍ ବିଧାୟକ୍‌ମାନେ ଗୃହ ନ ଦାବି କରିକରି ଗୃହ ନ ହୋହଲ୍ଲା କର୍‌ବାର୍‌ନୁ ପ୍ରଶ୍ନକାଳ ଆଉ ଶୂନ୍ୟକାଳ ଚାଲି ନାଇଁପାର୍‌ଲା । ଥିତିକେ ଦେଖିକରି ବାଚସ୍ପତି ସୁରମା ପାଢ଼ୀ ଗୃହକେ ସଖାଲର୍ ୧୦ ବାଜିକରି ୪୬ ମିନିଟ୍‌ନୁ ୧୨ ବଜେତକ୍ ପହେଲା ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୧୨ ବଜେ ଗୃହକାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ କଂଗ୍ରେସ୍ ସଦସ୍ୟମାନେ ଫେର୍ କିର୍ଲାଗଗା କରିକରି କକ୍ଷତ୍ୟାଗ କରିଥିଲେ । ବିଜେଡ଼ି ତର୍‌ଫୁ ଆଗତ୍ ମୁଲ୍‌ତବୀ ପ୍ରସ୍ତାବ୍ ଆଲୋଚନାଥି ଭିଲ୍ ସେମାନେ ସାମିଲ୍ ନାଇଁ ହେଲେ ।

କିର୍ଲାଗଗା ଭିତ୍‌ରେ ଗୃହକାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ସୁବର୍ଣ୍ଣପୁର୍‌ର ଆଘର୍ ବିଧାୟକ୍ ଦେବ୍‌ରାଜ୍ ସେଠ୍‌ଙ୍କର୍ ବିୟୋଗ୍‌ଥି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକପ୍ରସ୍ତାବ୍ ଆଗତ୍ କରିଥିଲେ । ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍ ଆର୍ କଂଗ୍ରେସ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ଇତାକେ ସମର୍ଥନ୍ କରିଥିଲେ ।

ବିଧାନ୍‌ସଭା-ଖର୍ଚ୍ଚାଦାବି          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍‌ର ୯ ନମ୍ବର୍ ଦିନେ ଉପର୍‌ବେଲା ଅଧିବେଶନ୍‌ଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏବା ଆର୍ଥିକ୍ ବଛର୍ ଲାଗି ତାଙ୍କର୍ ବିଭାଗ୍‌ର ୨୯ ହଜାର୍ ଶହେ ୯୯ କୋଟି ୨୦ ଲାଖ୍ ୯୬ ହଜାର୍ ଟଙ୍କା ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଛନ୍ । ଖବର୍ ଲେଖାହେବାର୍‌ତକ୍ ଖର୍ଚ୍ଚା ଦାବି ଆଲୋଚନାଥି ଶାସକ ଆର୍ ବିଜେଡ଼ି ସଦସ୍ୟମାନେ ଭାଗ୍ ନେଇଛନ୍ ।

ବିଧାନ୍‌ସଭା-୨          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ହୀରାକୁଦ୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ନଦୀବନ୍ଧ ପ୍ରକଳ୍ପ ମାନ୍‌କର୍ ଜଲଧାରଣ୍ କ୍ଷମତା ବଢ଼ାବାର୍ ଲକ୍ଷ୍ୟଥି ଗୁଟେ ବୈଷୟିକ କମିଟି କାମ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିରୋଧୀ ଦଳ ମୁଖ୍ୟ ସଚେତକ ଆଉ ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ ଆଚାର୍ଯ୍ୟଙ୍କର୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଜଲସମ୍ପଦ୍ ବିଭାଗ୍ ତର୍‌ଫୁ ଗଲାବଛର୍ ଜୁଲାଇ ୩୧ ତାରିଖ୍ ବୈଷୟିକ କମିଟି ଗଠନ୍ କରାଯାଇକରି ଇ

ବାବ୍‌ଦେ ବିଜ୍ଞପ୍ତି ବାହାରିଥିଲା । ହୀରାକୁଦ୍ ଡେମ୍ ତିଆର୍ ହେବାର୍ ବେଲର ଯୋଜ୍‌ନା ଅନ୍‌ସାରେ ଡେମ୍‌ର ସବୁନୁ ଜହ ଜଲ୍‌ଧାରଣ୍ କ୍ଷମତା ୬ ଦଶ୍‌ମିକ୍ ୬ ମିଲିୟନ୍ ଏକର୍ ଫୁଟ୍ ଥିଲା । ହେଲେ ବର୍ଷା ଦିନେ ବଏଢ଼୍ ପାଏନ୍ ସଙ୍ଗେ ନଦୀ ମାନ୍‌କର୍ ପଟୁ ମାଏଟ୍ ଜଲ୍‌ଭଣ୍ଡାର୍ ଭିତର୍‌କେ ପଶିଆସ୍‌ବାର୍‌ନୁ ଜଲ୍‌ଧାରଣ୍ କ୍ଷମତା କମିଛେ । ବର୍ଷା ସମିଆଥି ସ୍ଲୁଇସ୍ ଗେଟ୍ ଦେଇକରି କିଛି ମାତ୍ରାଥି ପଟୁ ମାଏଟ୍ ବାହାରି ଯାଏସି । ମୃତିକା କ୍ଷୟ ଆଉ ପଟୁମାଟିର୍ ଜମା ହେବାର୍‌ଟାକେ କମ୍ କର୍‌ବାର୍ ଲାଗି ହୀରାକୁଦ୍ ଡେମ୍‌ର ଚାର୍‌ହିଆଡ଼େ ଗଛ୍ ଜଗାଯାଉଛେ ବଲି ମୁଖ୍ୟମନ୍ତ୍ରୀ ବିଧାନ୍‌ସଭା ନ କହିଛନ୍ ।

ବିଧାନ୍‌ସଭା- ସୁନାଖଣି          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଦେବ୍‌ଗଡ଼୍ ଆର୍ କେନ୍ଦୁଝର୍ ଜିଲ୍ଲା ଉତ୍‌ରୁ ସମ୍ବଲ୍‌ପୁର୍, ବୌଦ୍ଧ, ସୁନ୍ଦର୍‌ଗଡ଼୍, ନବରଙ୍ଗ୍‌ପୁର୍, ଅନୁଗୁଲ୍, କୋରାପୁଟ୍, ମାଲ୍‌କାନ୍‌ଗିରି ଜିଲ୍ଲା ନ ଭିଲ୍ ସୁନାଖଣିର୍ ଥିବାର୍ ସୂଚ୍‌ନା ମିଲିଛେ ବଲି ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ସୁନାଖଣି ଖୁଜ୍‌ବାର୍ ଲାଗି ଅନୁସନ୍ଧାନ୍ ମୁଲ୍ ହେଇଯାଇଛେ । ଆଘୋନୁ ଦେବ୍‌ଗଡ଼୍ ଜିଲ୍ଲା ନ ଭାରତୀୟ ଭୂ-ବିଜ୍ଞାନ୍ ସର୍ବେକ୍ଷଣ୍ ସଂସ୍ଥା

ତର୍ଫୁ ତମ୍ବାପଥର୍ ଖୁଜ୍‌ଲା ବେଲ୍‌କେ ସୁନାପଥର ମିଲିଥିଲା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଧାନ୍‌ସଭା-ଦୁର୍ଘଟଣା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗଲା ୩ ବଛର୍ ଭିତ୍‌ରେ ୨ ହଜାର୍ ଶହେ ୯୭ ଟା ଦୁର୍ଘଟଣା ନିଶା ଖାଏବାର୍ ଲାଗି ଘଟିଥିଲା ବଲି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ବିଧାନ୍‌ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଇ ସମିଆଥି ନିଶା ଖାଇକରି ଗାଡ଼ି ଚଲାବାର୍ ଅଭିଯୋଗ୍‌ଥି ୧୧ ହଜାର୍ ୩ ଶହ ୭୭ ଝନ୍‌କର୍ ଲାଇସେନ୍ସ ବାତିଲ୍ ହେଇଛେ । ସେନ୍ତା ଗଲା ୫ ବଛର୍ ଭିତ୍‌ରେ ରାଏଜେ ୫୬ ହଜାର୍ ୮ ଶହ ୩୧ ଟା ରାସ୍ତା ଦୁର୍ଘଟଣାଥି ୨୭ ହଜାର୍ ଶହେ ୬୭ ଝନ୍‌କର୍ ଜୀବନ୍ ଯାଇଛେ । ଦୁର୍ଘଟଣା ମାନ୍‌କେ ୫୦ ହଜାର୍ ୪୧ ଝନ୍ ଆହତ୍ ଭିଲ୍ ହେଇଥିଲେ ବଲି ମନ୍ତ୍ରୀ ଜେନା ଗୃହ ନ ସୂଚ୍‌ନା ଦେଇଛନ୍ ।

ସେଆଡ଼େ ରାଏଜେ ୧ କୋଟି ୧୯ ଲାକ୍ ୫୬ ହଜାର୍ ୩ ଶହ ୯୬ ଟା ଗାଡ଼ି ପଞ୍ଜିକୃତ ହେଇଛେ । ସେଥିର୍‌ଭିତ୍‌ରୁ ୮୭ ଲାଖ୍ ୨୮ ହଜାର୍ ଶହେ ୬୯ ଟା ଗାଡ଼ିର୍ ବୀମା ନାଇଁନ ବଲି ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ରାଜ୍ୟପାଲ୍-ଓଟି- ଏଣ୍ଡ ଏ.ଏସ୍ I&PR

ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ଠାନେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ମଧୁସୂଦନ୍ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମେନେଜ୍‌ମେଂଟ୍‌ର ୩୯ ଝନ୍ 'ଓଟି- ଏଣ୍ଡ ଏ.ଏସ୍' ପ୍ରବେଶନର୍‌ମାନେ ଭେଟିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ପ୍ରବେଶନର୍‌ମାନ୍‌କୁ ସମିଆ ଜାନିକରି ଅଡ଼ିଟ୍, କାମ୍‌ଥି ଫଟିକ୍ ଆର୍ ଆର୍ଥିକ୍ ପରିଚାଲନାଥି ସର୍ଚ୍ଚୋଟ୍ ହେଇକରି କାମ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ ।

ୱେଭ୍‌ସ୍-କର୍ମଶାଲା ପି.ଆଇ.ବି.

କେନ୍ଦ୍ର ଦକ୍ଷତା ବିକାଶ୍ ଆଉ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଭୁବ୍‌ନେଶ୍ୱର୍‌ର ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ଆଏଜ୍ ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ-ୱେଭ୍‌ସ୍ ବାବଦ୍ ଗୁଟେ କର୍ମଶାଲାକେ ଉଦ୍‌ଘାଟନ୍ କରିଛନ୍ । କର୍ମଶାଲାଥି ଉଦ୍ୟୋଗୀ ମାନ୍‌କର୍ ଅଭିବୃଦ୍ଧିକେ ପ୍ରୋତ୍ସାହନ୍ ଦେବାର୍, ଆର୍ଥିକ୍ ବୃଦ୍ଧି ଅନ୍ତର୍ଭୁକ୍ତିକରଣ୍, ଡିଜିଟାଲ୍ ଦକ୍ଷତା ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଇଥିଲା ।

ଇନ ଜନେଇ ଦିଆଯାଇପାରେ ଯେ, ମେ ୧ ତାରିଖ୍‌ନୁ ମୁମ୍ବାଇ ନ ହେବାର୍‌କେ ଥିବା ଓ୍ୱେଭ୍‌ସ୍ ସମ୍ମିଲନୀ ହେଉଛେ ଗୁଟେ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ୍ । ଯେନ୍‌ଟାକି ସବୁ ଗଣମାଧ୍ୟମ୍ ଆଉ ମନୋରଞ୍ଜନ୍ କ୍ଷେତ୍ରକେ ଏକ୍‌ଠାନିଆ କର୍‌ବା ।

ବିଏଡ୍ /ଏମ୍‌ଏଡ୍/ବିଏଚ୍‌ଏଡ୍ -ନାଁଲେଖା I&PR

୨୦୨୫-୨୬ ଶିକ୍ଷା ବଛରେ ବିଏଡ୍ /ଏମ୍‌ଏଡ୍/ବିଏଚ୍‌ଏଡ୍ ଥି ନାଁଲେଖା ଲାଗି ଆଏବା ୨୪ ତାରିଖ୍‌ନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଇଥିର୍ ପ୍ରବେଶିକା ପରୀକ୍ଷା ଜୁନ୍ ମାସର୍ ପହେଲା ହପ୍ତାଥି ହେବା ଆଉ ପ୍ରବେଶିକା ପରୀକ୍ଷାର୍ ଫଲାଫଲ୍ ଆଧାର୍‌ଥି ଛାତ୍ରଛାତ୍ରୀ ନାଁ ଲେଖାବାର୍ ଲାଗି ଯୋଗ୍ୟତା ହାସଲ୍ କର୍‌ବେ । ସବୁ ପ୍ରକ୍ରିୟା ସର୍‌ଲା ଉତ୍‌ରୁ ଆଏବା ଜୁଲାଇ ୨୪ ତାରିଖ୍‌ତକ୍ ପାଠ୍‌ପଢ଼ା ମୁଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପଖାଳ ଦିବସ I&PR

ଓଡ଼ିଶା ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଲାଗି ପଖାଲ୍ ଖାଏବାର୍‌ଟା ବନେ ଉପକାରୀ ଆଏ, ହେଥିର୍‌ଲାଗି

ଓଡ଼ିଆମାନ୍‌କର୍ ପଖାଲ୍ ସଙ୍ଗେ ଗୁହେର୍ ଭାବ୍ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବିଶ୍ୱ ପଖାଲ୍ ଦିବସ୍ ଅବ୍‌ସରେ ରାଜ୍ୟବାସୀଙ୍କର ଶୁଭେଚ୍ଛା ଜନେଇକରି ମୁଖ୍ୟମନ୍ତ୍ରୀ ଅଲ୍‌ଗା ମନ୍ତ୍ରୀମାନ୍‌କର୍ ସାଙ୍ଗେ ମିଶିକରି ପଖାଲ୍ ଖାଇଛନ୍ ।

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ଆଉ ଓଡ଼ିଶା ପର୍ଯ୍ୟଟନ୍ ବିକାଶ୍ ପରିଷଦ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ପାନ୍ଥନିବାସ୍ ଠାନେ ଆଏଜ୍ ମଏଧାନେ ହେଇଥିବା ରାଜ୍ୟସ୍ତରୀୟ ପଖାଲ୍ ଦିବସ୍‌ଥି ଯୋଗ୍ ଦେଇକରି  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, କୋଟି କୋଟି ଓଡ଼ିଆଙ୍କର୍ ପ୍ରିୟ ଖାଦ୍ୟ ହେଉଛେ ପଖାଲ୍  । ପୁର୍‌ଥିର୍ ଯେନ୍ ଜାଗା ନ ଭିଲ୍ ଓଡ଼ିଆ ମାନେ ରହେଲେ ପଖାଲ୍ ସେନ୍‌କେ ପୁହୁଁଚିଯାଏସି  । ପୁରୀ ଶ୍ରୀମନ୍ଦିର୍ ନ ଜଗନ୍ନାଥ୍ ମହାପୁରୁଙ୍କର୍ ଲାଗି ୫୬ ଭୋଗ୍ ଠାନୁ ଭିଲ୍ ଦୁର୍ଲଭ ପଖାଲ୍ ଆଏ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ଘର୍‌ଚଟିଆ ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର

ଦିନ୍ ଥିଲା ସଖାଲ୍ ପାଏଲେ ଗାଁ ନୁ ସହର୍, ସବୁଆଡ଼େ ଚିଁ-ଚାକର୍ କରିକରି ଦୁଆର୍ ବାହାର୍ ଠାନୁ ଗହ ଗହ କରି ପକଉଥିଲେ ଚଁଟିଆ । ପ୍ରକୃତିର୍ ବାର୍ତାବହ ସାଜିଥିବାର୍ ଛୁଟିଆ

ଚଢ଼େଇ ଡେଗି ଡେଗିକରି ପରିବେଶ୍ ସନ୍ତୁଲନ୍‌ର ସୂଚ୍‌ନା ଦେସି । ହେଲେ ଦୁଃଖର୍ କଥା ପରିବେଶ୍ ସନ୍ତୁଲନ୍ ହରାବାର୍, ଜଙ୍ଗଲ୍ କମ୍‌ବାର୍ ଆର୍ ରାସାୟନିକ୍ ସାରର୍ ବେଭାର୍ ବାଗିର୍ କାରଣ୍‌ନୁ ଦିନୁ ଦିନ୍‌କେ ଚଁଟିଆ ମାନ୍‌କର୍ ସଂଖ୍ୟା କମ୍‌ବାର୍‌କେ ଲାଗିଛେ । ଚଁଟିଆ ମାନ୍‌କର୍ ସୁରକ୍ଷା ଆର୍ ବଂଶବୃଦ୍ଧି ଲାଗି ଫି' ବଛର୍ ମାର୍ଚ୍ଚ ୨୦ ତାରିଖ୍‌କେ ବିଶ୍ୱ ଘରଚଟିଆ ଦିବସ୍ ଭାବେ ପାଲନ୍ କରାଯାଏସି । ୨୦୧୦ ମସିହାନୁ ଇ ଦିବସ୍ ପାଲିତ୍ ହେଇଆସୁଛେ । ୨୦୧୨ ମସିହା ନ ଦିଲ୍ଲୀ ସର୍‌କାର୍ ଚଁଟିଆ ଚଢ଼େଇକେ ତାଙ୍କର୍ ରାଜ୍ୟର୍ ଚଢ଼େଇ ମାଏନ୍‌ତା ଦେଇଛନ୍ ।

## ବିଶ୍ୱ ଖୁସି ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୁସି ରହେବାର୍‌ଟା ସବୁ ମୁନ୍‌ଷର୍ ଜନ୍ମଗତ ଅଧିକାର୍ ଆଏ । ଆଏଜ୍ ବ୍ୟସ୍ତତା ଭିତ୍‌ରେ ମୁନୁଷ୍ ଚିନ୍ତା ଆଉ ଚାପଥି ରହିକରି ଖୁସି ହେବାର୍ ଭିଲ୍ ଭୁଲି ଗଲାନେ । ଇତାକେ ଧ୍ୟାନ୍‌ଥି ରଖିକରି ମୁନୁଷ୍‌କର୍ ଖୁସି ଲାଗି ୨୦୧୩ ମସିହାନୁ ମିଳିତ ଜାତିସଂଘ ତରଫୁ ଫି'ବଛର୍ ମାର୍ଚ୍ଚ ୨୦ ତାରିଖ୍ ଆଝିରର୍ ଦିନ୍‌କେ ବିଶ୍ୱ ଖୁସି ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଖୁସି ଦିବସ୍‌ର ବାର୍ତା ହେଉଛେ 'ଯତନ୍ ଆର୍ ଖୁସି ବାଂଟ୍‌ବାର୍' ।

ଜଗନ୍ନାଥ ମହୋତ୍ସବ      ସୁବର୍ଣ୍ଣପୁର ସମ୍ବାଦଦାତା

ଜଗନ୍ନାଥ ସଂସ୍କୃତି ଆଉ ଚେତ୍‌ନାର ବିସ୍ତାର ଲାଗି ସୁବର୍ଣ୍ଣପୁର ଜିଲ୍ଲା ତ୍ରିବେଣୀ ସଙ୍ଗମ୍‌ଠାନେ ସ୍ୱର୍ଣ୍ଣପ୍ରୟାଗ୍ ରାମଶ୍ୱେର ପୀଠନ୍ ଶ୍ରୀ ଜଗନ୍ନାଥ ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଅବ୍‌ସରେ କଳସ ଶୋଭଯାତ୍ରା ସଙ୍ଗେ ପାତାଳୀ ଶ୍ରୀକ୍ଷେତ୍ରନୁ ଅନାହେଇଥିବା ଦାରୁଖମ୍ଭ ଯଜ୍ଞସ୍ଥଳନ ଗଡ଼ା ଯାଇଥିଲା । ପଂଚକୁଣ୍ଡୀୟ ଯଜ୍ଞ ସଙ୍ଗେ ମାହାପୁରୁଙ୍କର୍ ୩୨ ବେଶ୍ ଆଉ ଶ୍ରଦ୍ଧାଳୁଙ୍କର୍ ବିଷ୍ଣୁ ସହସ୍ରନାମ ପାଠ କରାଯାଉଛେ । ଇ ମହୋତ୍ସବ୍ ୭ ଦିନ୍‌ତକ୍ ଚାଲ୍‌ବା ।

ପଂଚାୟତ୍ ନିର୍ବାଚନ      ବୌଦ୍ଧ ସମ୍ବାଦଦାତା

ଆଗ୍‌କେ ହେବାର୍‌କେ ଥିବା ପଂଚାୟତ୍ ନିର୍ବାଚନ୍‌କେ ନେଇକରି ବୌଦ୍ଧ ଜିଲ୍ଲାପାଳ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଭିନ୍ ଭିନ୍ ରାଜନୈତିକ୍ ଦଳର୍ ପ୍ରତିନିଧି ମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ନିର୍ଭୁଲ୍ ଭାବେ ଚୂଡ଼ାନ୍ତ ଭୋଟର୍ ତାଲିକା ତିଆର୍ କର୍‌ବାର୍ ଲାଗି ଫି’ ବୁଥ୍ ନ ଝନେ ଝନେ ପ୍ରତିନିଧି ମାନ୍‌କର୍ ନାଁ ଦେବାର୍‌କେ ଇ ଅବ୍‌ସରେ ଜିଲ୍ଲାପାଳ୍ କହିଥିଲେ । ଭୋଟର୍ କାର୍ଡ଼ ସଙ୍ଗେ ଆଧାର୍ କାର୍ଡ଼ ଜୁଡ଼୍‌ବାର୍, ଭୋଟର୍ ତାଲିକା

ତିଆର୍ କଲାବେଲ୍‌କେ ସ୍ୱଚ୍ଛତା ରଖ୍‌ବାର୍ ସଙ୍ଗେ ମାର୍ଗଦର୍ଶିକା ପାଲନ୍ କର୍‌ବାର୍ ଦିଗେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା ।

ଦେବ୍‌ଗଡ଼୍ -ବେଙ୍କର୍ସ ବୈଠକ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ୩ ମାସିଆ ବେଙ୍କର୍ସ ବୈଠକ୍ ହେଇଯାଇଛେ । ମିଶନ୍ ଶକ୍ତି ଜରିଏ ଲୁକ୍‌କର୍ ସୁବିଧାର୍ ଲାଗି ଛତି, ମାଛ୍ ଚାଷ୍, ପୋଖରୀ ରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ୍ ଯୋଜ୍‌ନା ବାଗିର୍ ଭିନ୍ ଭିନ୍ ଯୋଜ୍‌ନାଥି ସାହାଜ୍ ଯୁଗେଇ ଦେବାର୍ ଲାଗି ଜିଲ୍ଲାପାଲ୍ ବେଙ୍କ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ୨୦୨୫ -୨୬ ବଛରେ ଦେବ୍‌ଗଡ଼୍ ଜିଲ୍ଲା ଲାଗି ତିଆର୍ ହେଇଥିବା ରଣ ବାବଦ୍ ଯୋଜ୍‌ନା ସମ୍ପର୍କିତ୍ ଗୁଟେ ପୁସ୍ତକ ଉନ୍ମୋଚନ୍ କରାଯାଇଥିଲା ।

ନୂଆପଡ଼ା -ପାଏନ୍‌ଛତର       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍ଏସି ତର୍ଫୁ ଖରାକେ ନଜର୍ଥି ରଖିକରି ସହରର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଏନ୍ଛତର୍ ଖୁଲାଯାଇଛେ । ପାଏନ୍ ଛତର୍ମାନ୍କୁ ଖଡ଼ିଆଲ୍ ଏନ୍ଏସି ନିର୍ବାହୀ ଅଧିକାରୀ ଉଦ୍ଘାଟନ୍ କରିକରି ପିଇବାର୍ ପାଏନ୍ର ସବୁ ସୁବିଧା କରାଯିବା ଆଉ ଦର୍କାର୍ ପଡ଼୍ଲେ ଟେଙ୍କର୍ଥି ପାଏନ୍ ଯୁଗେଇ ଦିଆଯିବା ବଲି କହିଛନ୍ ।

କଲାହାଣ୍ଡି -ନିଆଁ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ସହର୍ ଘୁଡ଼ାଘାଟ୍ ଛକ୍ ଠାନେ ଆଏଜ୍ ଦିନର୍ ୧୧ ବଜେ ଜୁଏ ଲାଗିକରି ୪ ଟା ଦୁକାନ୍ ପୁଡ଼ି ଯାଇଛେ । ଖବର୍ ପାଇକରି ଅଗ୍ନିଶମ ବାହିନୀ ପୁହୁଁଚିକରି ଜୁଏକେ ଆଏତ୍ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଗଲା ହପ୍ତେ ହେଲା ତାପମାତ୍ରା ବଢ଼୍ଲା ଉତ୍ରୁ ଗଲାକାଏଲ୍ ବାଗିର୍ ଆଏଜ୍ ଭିଲ୍ ତାତି ଟିକେ କମିଛେ । ବୌଦ୍ଧ, ଟିଟିଲାଗଡ଼୍ ଛଡ଼ା ରାଜ୍ୟର୍ ସବୁ ସହରେ ଆଏଜ୍ ଦିନର୍ ତାତି ୪୦ ଡିଗ୍ରୀନୁ କମ୍ ରହିଥିଲା । ସବୁନୁ ଜହ ତାତି

ଟିଟିଲାଗଡ଼୍ ନ ୪୦ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ । ସେଆଡ଼େ କାଲ୍ବୈଶାଖୀ ସଙ୍ଗେ ବର୍ଷା ଆଉ ଧୁକାଗର୍ଡ଼ିକେ ନେଇକରି ସୁନ୍ଦରଗଡ଼୍, ମୟୁର୍ଭଞ୍ଜ୍, ବାଲେଶ୍ୱର୍ ଆର୍ କେନ୍ଦୁଝର୍ ଜିଲ୍ଲାକେ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛେ । ସେନ୍ତା ବର୍ଗଡ଼୍, ଦେବ୍ଗଡ଼୍, ସୋନ୍ପୁର୍, ବୌଦ୍ଧ, ବଲାଙ୍ଗିର୍, ନୂଆପଡ଼ା ସଙ୍ଗେ ୧୪ ଟା ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।